## ସଂକ୍ଷେପରେ

### ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ଶିବିର ଉଦ୍‌ଯାପିତ

କାଲିମେଲା, ୨୬।୧୨(ଡି.ଏନ.ଏ.)- ମାଲାକାନଗିରି ଜିଲା କାଲିମେଲାସ୍ଥିତ ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ କଲେଜରେ ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ସାତ ଦିନିଆ ଏନ୍‌ଏସ୍‌ଏସ୍‌ର ଶୀତକାଳୀନ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ତହସିଲଦାର ସାଇନୁ ମୁଣ୍ଡ୍ ମୁଖ୍ୟଅତିଥି, ଅତିରିକ୍ତ ବିଡ଼ିଓ ବସନ୍ତ ବେହେରା ଓ କଲେଜ ଅଧକ୍ଷ ପ୍ରଶାନ୍ତ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ପଦ୍ମଲୋଚନ ରାଉତ ଅତିଥି ପରିଚୟ ଦେଇଥିଲେ। ପାଠ ପଢ଼ା ସହ ସର୍ବଦା ସେବା ମନୋବୃତ୍ତି ରଖି କାମ କରିବାକୁ ମୁଖ୍ୟଅତିଥି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ବେହେରା ଛାତ୍ର ଜୀବନରେ ଜାତୀୟ ସେବା ଯୋଜନାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଶିବିରରେ ଅଂଶଗ୍ରହଣ କରିଥିବା ୫୦ ଜଣ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଛାତ୍ରମାନଙ୍କ ମଧ୍ୟରେ ଜଗବନ୍ଧୁ ପଡ଼ିଆମି ଓ ଛାତ୍ରୀମାନଙ୍କ ମଧ୍ୟରେ ମଧୁସ୍ମିତା ପଡ଼ିଆମିଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ରୂପେ ସମ୍ମାନିତ କରାଯାଇଥିଲା।

### ଦୋକାନ ଭଙ୍ଗାରୁଜା ସହ ଅଟୋ ଡ୍ରାଇଭରଙ୍କୁ ମାଡ

### ୧୫ ଜଣଙ୍କ ନାମରେ ମାମଲା, ୨ ଗିରଫ

ଜୟପୁର, ୨୬।୧୨ (ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ପେପର ମିଲ ଛକଠାରେ ମାରପିଟ ଦୋକାନ ଭଙ୍ଗାରୁଜା ଓ ଜଣେ ଅଟୋ ଡ୍ରାଇଭରଙ୍କୁ ମାଡ଼ ମାରିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଭୀମସେନ ସଗରିଆ ଓ କୃଷ୍ଣରାଜ ଭକ୍ତ। ଏହି ମାମଲାରେ ଜଡିତ ରଞ୍ଜିତ ଖରାଙ୍କ ସହ ୧୩ ଜଣ ଫେରାର ଅଛନ୍ତି। ସେମାନଙ୍କ ନାମରେ ମାମଲା ରୁଜୁ ହୋଇଛି। ଜୟପୁର ସଦର ଥାନା ଅନ୍ତର୍ଗତ ପେପର ମିଲ ଛକରେ ସୋମବାର୧୫ ଜଣ ଦୋକାନ ଭଙ୍ଗାରୁଜା କରିବା ସହ ଅଟୋ ଡ୍ରାଇଭର ରଘୁନାଥ ନାୟକଙ୍କୁ ନିସ୍ଠୁକ ମାଡ ମାରଥିଲେ। ଏନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଥିଲା। ଫେରାର ଅଭିଯୁକ୍ତ ମାନଙ୍କୁ ଶୀଘ୍ର ଗିରଫ କରାଯିବ। ଅଭିଯୁକ୍ତମାନେ ମଦ ପିଇ ଏପରି ଘଟାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

### ମଦ ଚୋରା ଚାଲାଣ ବେଳେ ୨ ଗିରଫ



ଜୟପୁର, ୨୬।୧୨ (ନି.ପ୍ର.)- ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବାଗ୍ରା ନିଳାଗୁଡା ଗ୍ରାମର ମଙ୍ଗରାଜ ହରିଜନ ଓ ବାଗ୍ରାଗୁଡାର ମାଧବ ବଡନାୟକ। ଚଢ଼ାଉ ବେଳେ ବିଭାଗୀରୟ୍ କର୍ମଚାରୀମାନେ ଉଭୟଙ୍କଠାରୁ ୩୫ ଲିଟର ମଦ ଜବତ କରିଥିବା ଜଣାପଡିଛି।

# ପର ପିଣ୍ଡାରେ ପାଠ ପଢୁଛନ୍ତି ପିଲା

ଦଶମନ୍ତପୁର, ୨୬।୧୨ ( ଡି.ଏନ.ଏ.)



ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ଅଙ୍ଗନଓ୍ୱାଡି ଗୃହ।

ଦୀର୍ଘ ୫ ବର୍ଷ ହେଲା ଅଧାପନ୍ତରିଆ ଭାବେ ପଡିରହିଛି ଅଙ୍ଗନୱାଡ଼ି ଗୃହ। ନିଜସ୍ୱ ଗୃହ ନ ଥିବାରୁ ଗ୍ରାମର ଭିଭିନ୍ନ ଲୋକଙ୍କ ଘର ପିଣ୍ଡାରେ ପିଲାଙ୍କୁ ବସାଇ ପାଠ ପଢାଉଛନ୍ତି ଅଙ୍ଗନୱାଡ଼ି କର୍ମୀ। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଲୁଲା ପଞ୍ଚାୟତର ମିଟକର୍ଲି ଗ୍ରାମରେ। ଏନେଇ ଗ୍ରାମବାସୀ କହନ୍ତି, ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଆମ ଗ୍ରାମରେ ଏକ ଅଙ୍ଗନୱାଡି ଗୃହ ନିର୍ମାଣ ଲାଗି କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ବ୍ୟୟ ଅଟକଳ ମୂଲ୍ୟ ୭ ଲକ୍ଷ ଟଙ୍କା ରଖାଯାଇଥିଲା। ଏହାର ତଦାରଖ ଦାୟିତ୍ୱରେ ଲୁଲା ପଞ୍ଚାୟତ ପାଇଁ କନିଷ୍ଠ ଯନ୍ତ୍ରୀ ଥିଲେ। ପ୍ରଶାସନର ଅବହେଳା ଯୋଗୁ ଗୃହ କାର୍ଯ୍ୟ ଠିକ୍ ସମୟରେ ସରିପାରିନାହିଁ। ଫଳରେ ଶିଶୁ, କିଶୋର କିଶୋରୀ ଓ ଗର୍ଭବତୀ ମହିଳାମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିବା ଲାଗି ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଡିଓଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଜଣାଇ କିଛି ସୁଫଳ ମିଳିନାହିଁ। କୌଣସି ବିକଳ୍ପ ନ ପାଇ ଗ୍ରାମର ବିଭିନ୍ନ ଲୋକଙ୍କ ପିଣ୍ଡାରେ ଅଙ୍ଗନୱାଡି କର୍ମୀ ଭଜନ୍ତି ଭତ୍ରା ପାଠ ପଢାଉଛନ୍ତି। ଏସମ୍ପର୍କରେ କନିଷ୍ଠଯନ୍ତ୍ରୀ ହଳଧର ସିଅଲଙ୍କୁ ପଚାରିବାକୁ ତାଙ୍କ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ ତାଙ୍କ ଫୋନ ଲାଗି ନ ଥିଲା। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଗ୍ରାମବାସୀ ସବନା ସାଉନ୍ତା, ଯଦୁ ସାଉନ୍ତା, ଶ୍ୟାମ ସାଉନ୍ତା, ରାମଦାସ ମୁଦୁଲି, ହାଡୁ ଦିଶାରି ଦାବି କରିଛନ୍ତି।

**୫ ବର୍ଷ ହେଲା ସରୁନି ଅଙ୍ଗନୱାଡ଼ି ଗୃହ**

# କେକେ ରେଳ ଧାରଣାରୁ ଛାତ୍ରୀଙ୍କ ମୃତଦେହ ଜବତ

କୋରାପୁଟ,୨୬।୧୨ (ସ୍ୱ.ପ୍ର.)

କୋରାପୁଟରୁ କିରଣ୍ଡଲ (କେକେ) ଯାଇଥିବା ରେଳ ଧାରଣାରେ ସୋମବାର ଜଣେ କଲେଜ ଛାତ୍ରୀ ଆତ୍ମହତ୍ୟା କରିଥିବା କୋରାପୁଟ ସଦର ଜିଆରପି ପୋଲିସ ପ୍ରକାଶ କରିଛି। ସହରର ଚିନ୍ଦ୍ରିସ୍ଥିତ ରେଳ ଲାଇନରେ ଏପରି ଦେଖିବାକୁ ମିଳିଛି। ମୃତା ଛାତ୍ରୀ ଜଣକ ହେଲେ ଗୀତା ଜାନି (୧୮)। ତାଙ୍କ ଘର କୋରାପୁଟ ପୌରାଞ୍ଚଳର ବଡଚିନ୍ଦ୍ରି ଗ୍ରାମରେ। ସେ ଗ୍ରାମର ବୁଦୁ ଜାନିଙ୍କ ଝିଅ ବୋଲି ଜଣାପଡିଛି। ଗୀତା ଜୟପୁର ବିକ୍ରମଦେବ କଲେଜରେ ଯୁକ୍ତ ୩ରେ ଅଧ୍ୟୟନ କରୁଥିଲେ। ରବିବାର ରାତିରେ ସେ କୌଣସି କାର୍ଯ୍ୟରେ ଘରୁ ଆସି ଆଉ ଫେରି ନ ଥିଲେ। ସକାଳୁ ଚିନ୍ଦ୍ରି ଗ୍ରାମ ନିକଟସ୍ଥ ରେଳଧାରଣାରେ ମୃତଦେହ ପଡିଥିବା ଦେଖି ଖବର ପାଇ ପୋଲିସ ପହଞ୍ଚି ଜବତ କରିଥିଲା। ନିକଟରେ ପଡିଥିବା ଏକ ମୋବାଇଲରୁ ଟ୍ରାପ କରି ପୋଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ ବୋଲି ଜିଆରପିର ଏସ୍ଆଇ ବିନାୟକ ଭୋଇ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲ କଲେଜକୁ ପଠାଯାଇଛି। ଏନେଇ ଜିଆରପି ଥାନାରେ ଏକ ମାମଲା ରୁଜୁ କରାଯାଇଛି ବୋଲି ସେ କହିଛନ୍ତି।

# ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

ଜୟପୁର, ୨୬।୧୨ (ନି.ପ୍ର.)

ଜୟପୁରସ୍ଥିତ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟକୁ ସୋମବାର ଶତାଧିକ ଚାଷୀ ଘେରାଉ କରିଥିଲେ। ବୋରିଗୁମ୍ମା ବ୍ଲକର ବଡିଗାଁ ପଞ୍ଚାୟତର ଏହି ଚାଷୀମାନେ ଜିଲା ଯୋଗାଣ ଅଧିକାରୀଙ୍କ



ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଥିବା ଚାଷୀ।

ଅନୁପସ୍ଥିତିରେ ସହକାରୀ ଜିଲା ଯୋଗାଣ ଅଧିକାରୀ ପ୍ରିୟମ୍ବଦା ବେହେରାଙ୍କୁ ଭେଟିଥିଲେ। ବଡିଗାଁ ଅଞ୍ଚଳର ୪୨ ଚାଷୀଙ୍କ ଟୋକନ ମିଳିନାହିଁ। ଯେତେ ଦିନ ଯାଏ ଟୋକନ ନ ମିଳିବ ସେତେ ଦିନ ଯାଏ ବଡିଗାଁ ମଣ୍ଡିରେ ଧାନ କ୍ରୟ ହୋଇ ପାରିବ ନାହିଁ ବୋଲି ଚାଷୀ ଚେତାବନୀ ଦେଇଛନ୍ତି। ଚାଷୀ ଅଭିଯୋଗ କରିଛନ୍ତି, ଧାନ ବିକ୍ରୟ ପାଇ ସେମାନେ ଏସ୍ଏଚଜି ନିକଟରେ ନାମ ପଞ୍ଜୀକରଣ କରିଥିଲେ। ମାତ୍ର ସେମାନଙ୍କ ମଧ୍ୟରୁ ୪୨ ଚାଷୀଙ୍କୁ ଟୋକନ ମିଳିନାହିଁ। ଏନେଇ ସେମାନେ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ସାଟେଲାଇଟ ଅସୁବିଧା ପାଇଁ ଏହି ଅସୁବିଧା ଉପୁଜିଥିବା ପ୍ରଶାସନ ସଫେଇ ଦେଇଛି। ତୁରନ୍ତ ପ୍ରଶାସନ ୪୨ ଚାଷୀଙ୍କ ଧାନ ବିକ୍ରୟ ପାଇଁ ଟୋକନ ଦେବାକୁ ଅରୁଣ ତ୍ରିପାଠୀ, ଭାସ୍କର ନାୟକ, ଗୁରୁନାଥ ନାୟକ, ସତ୍ୟ ନାରାୟଣ ପାତ୍ର, ବିଜୟ ବେହେରା ପ୍ରମୁଖ ଦାବି କରିଛନ୍ତି।

**୪୨ ଜଣଙ୍କ ଟୋକନ ନ ମିଳିବା ଯାଏ ବୋଡିଗାଁ ମଣ୍ଡି ବନ୍ଦ ରହିବ**

### ଛାତ୍ରୀଛାତ୍ରଙ୍କୁ ନେଇ ଶୀତକାଳୀନ ଶିବିର

ଦଶମନ୍ତପୁର,୨୬।୧୨ ( ଡି.ଏନ.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ରାଧାକୃଷ୍ଣ ଆଦିବାସୀ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ର ଶୀତକାଳୀନ ଶିବିର ସୋମବାର କଲାଟିଗୁଡ଼ା ଗ୍ରାମରେ ଆରମ୍ଭ ହୋଇଛି। ଅଧକ୍ଷ ଡକ୍ଟର ପ୍ରଶାନ୍ତ କନ୍ଧପାନଙ୍କ ତତ୍ତ୍ୱାବଧାନରେ ହେଉଥିବା ଏହି ଶିବିରକୁ ଅଧାପକ ସୁଶାନ୍ତ ସାହୁ ପରିଚାଳନା କରୁଛନ୍ତି। ଏହି ଅବସରରେ



ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଟି.ନରେଶ ଦୋରା, ରଶ୍ମିତା ରାଉତ, ମାନସ ରଞ୍ଜନ ସାହୁଙ୍କ ସହ ୨୫ ଜଣିଆ ୨ଟି ଟିମ୍ କଲାଟିଗୁଡ଼ାରେ ପହଞ୍ଚି ସେବାକାର୍ଯ୍ୟ ଆରମ୍ଭ କରିଛନ୍ତି। ଛାତ୍ରୀଛାତ୍ର ମାନେ ଗ୍ରାମର ବିଭିନ୍ନ ସ୍ଥାନରେ ପଡି ରହିଥିବା ଅଳିଆ ସଫା କରି ଗ୍ରାମବାସୀଙ୍କୁ ପରିବେଶ ସୁରକ୍ଷା ବାର୍ତ୍ତା ଦେଇଛନ୍ତି।

# ସରକାରଙ୍କ ସଫଳତା ଗ୍ରାମାଞ୍ଚଳରେ ପହଞ୍ଚାଇବାକୁ ଗୁରୁତ୍ୱ



ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ବିଜେଡି କର୍ମକର୍ତ୍ତା ଓ କର୍ମୀମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି।

କୋରାପୁଟ,୨୬।୧୨(ସ୍ୱ.ପ୍ର.)

**ବିଜେଡି ପ୍ରତିଷ୍ଠା ଦିବସ**

କୋରାପୁଟରେ ଜିଲା ବିଜେଡି ପକ୍ଷରୁ ସୋମବାର ଦଳର ୨୬ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବିଜେଡି ସରକାରଙ୍କ ସଫଳତାକୁ ଗ୍ରାମାଞ୍ଚଳରେ ପହଞ୍ଚାଇବାକୁ ଉପସ୍ଥିତ ଅତିଥିମାନେ କର୍ମୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ନେତା ଓ କର୍ମୀମାନେ ସ୍ଥାନୀୟ ଗ୍ୟାରେଜ ଲାଇନସ୍ଥିତ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ସରକାରଙ୍କ ସଫଳତାକୁ ପ୍ରତି ଗ୍ରାମରେ ପହଞ୍ଚାଇବା ଲାଗି ଶପଥ ନେଇଥିଲେ। ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ନଗର ସଭାପତି ସୁରେଶ ପଟ୍ଟନାୟକ ସୂଚନା ଦେଇଥିଲେ। ବିଜେଡି ଜିଲା ମହିଳା ସଭାନେତ୍ରୀ ପାର୍ବତୀ ମନ୍ତ୍ରି, ମହିଳା ଜୋନାଲ ସଂଯୋଜକ ରୀତା ପାଣିଗ୍ରାହୀ, ଜିଲା ପରିଷଦର ପୂର୍ବତନ ଅଧକ୍ଷା ତୁଳସୀ କିର୍ସାନି, ଜୋନାଲ ସଭାପତି ଜୟନ୍ତ ମିଶ୍ର, ଛାତ୍ର ବିଜେଡି ସମ୍ପାଦକ ପ୍ରବୀଣ ବେହେରା, ଜୋନାଲ କମିଟି ସଭାପତି ସୁବାସ ଚନ୍ଦ୍ର ସାହୁ, କାଉନସିଲର ମୁନି ମୁଦୁଲି, କାଉନସିଲର ଲିଆ ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଅନ୍ତେବାସୀଙ୍କୁ ସମ୍ବର୍ଦ୍ଧିତ କଲେ ଏସ୍‌ପି

ମାଲକାନଗିରି,୨୬।୧୨ (ଡି.ଏନ୍.ଏ.)

ମାଲକାନଗିରି ଅଲ୍ ଓଡିଶା ମାର୍ଶାଲ ଆର୍ଟ ଏକାଡେମୀ ଗୁରୁକୁଳ ଅନ୍ତେବାସୀ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରି ଜିଲାକୁ ଗୌରବାନ୍ୱିତ କରିଥିବାରୁ ସୋମବାର ଏସ୍.ପି. ନିତିଶ ୱାଧ୍ୱାନୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦୀର୍ଘ ବର୍ଷ ଧରି କ୍ରୀଡା, କଳା, ସଂସ୍କୃତି, ଶିକ୍ଷା, ଏବଂ ସମାଜସେବାକୁ ମାଧମ କରି ସମସ୍ତଙ୍କ ମନରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିବା ମାଲକାନଗିରିର ସ୍ଥାନୀୟ ଓଡିଶା ମାର୍ଶାଲ ଆର୍ଟ ଏକାଡେମୀ ଗୁରୁକୁଳରେ ଗରିବ, ଅନାଥ ପିଲାମାନେ ଶିକ୍ଷା ଗ୍ରହଣ କରିଥାନ୍ତି। ସେମାନେ ବିଭିନ୍ନ ସମୟରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ନିଜର ପାରଦର୍ଶିତା ପ୍ରଦର୍ଶନ କରି ଜିଲା ପାଇଁ ଗୌରବ ଆଣିଥାନ୍ତି। ଏହି ପ୍ରତିଭାବାନ ପିଲାଙ୍କ ବିଷୟରେ ଅବଗତ ହୋଇ ଏସ୍‌ପି ତାଙ୍କ କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରି କୃତୀ ଅନ୍ତେବାସୀଙ୍କୁ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରି କିଛି ଉପହାର ଦେଇଛନ୍ତି। ପିଲାଙ୍କୁ ସାହସର ଆଗକୁ ବଢିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକଡେମୀର ମୁଖ୍ୟ ପ୍ରତିଷ୍ଠାତା ବିନାଶ କୁମାର ମିଶ୍ର ଓ ସଭାପତି ରତ୍ନାକର ଦାସ ଏସ୍‌ପିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୂଚନାଯୋଗ୍ୟ, ନିକଟରେ କ୍ରୀଡାରେ ଭଲ ପ୍ରଦର୍ଶନ କରିଥିବା ବଣ୍ଡା ଘାଟିର ଯୁବକ ନକୁଳ କ୍ରିସାନି ଏବଂ ସ୍ୱାଭିମାନ ଅଞ୍ଚଳର ମାସି ହନ୍ତାଳଙ୍କୁ ଏସ୍‌ପି ଟ୍ରାକ୍ ସୁଟ୍, ଟି-ସାର୍ଟ୍, ଜୋତା ଏବଂ ଜୁଡୋ ପୋଷାକ ଦେଇଥିଲେ।



କୃତୀ ଅନ୍ତେବାସୀଙ୍କ ସହ ଏସ୍‌ପି।

### ୧୧ରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ

କୋରୁକୋଣ୍ଡା,୨୬।୧୨(ଡି.ଏନ. ଏ);

ମାଲକାନଗିରି ଜିଲା କୋରୁକୋଣ୍ଡାରେ ଆସନ୍ତା ଜାନୁୟାରୀରେ ହେବାକୁ ଥିବା ମାଲ୍ୟାବନ୍ତ ମହୋତ୍ସବ ପାଇଁ ସୋମବାର ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଅଂଶୁମାନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପଞ୍ଚାୟତ ସମିତି ଅଧକ୍ଷ ଜିତୁ ବୁରୁଡି, ବ୍ଲକ ଶିକ୍ଷାଧିକାରୀ ଅସିତ ମିସ୍ତ୍ରି, ଆଇସିଡିଏସ ଅଧକ୍ଷା ନୀଳିମା ମଣ୍ଡଳ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ପଞ୍ଚାୟତ ସମିତି ଅଧୀନରେ ଥିବା ୧୨ଟି ପଞ୍ଚାୟତ ସମିତିର ସଦସ୍ୟ,ସରପଞ୍ଚ, ଜିପିଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଜାନୁୟାରୀ ୧୧ରେ କୋରୁକୋଣ୍ଡାରେ ଏହି ବ୍ଲକସ୍ତରୀୟ ମାଲ୍ୟାବନ୍ତ ମହୋତ୍ସବ ହେବ। ଉକ୍ତ ଦିନ ସକାଳ ୭ଟାରେ ନଦୀରୁ ଜଳ କଳସ ଅଣାଯିବ। ଏହା ମଉଳି ମନ୍ଦିର ନିକଟରେ ରହିବ। ପୂଜାର୍ଚ୍ଚନା ପରେ ସେଠାରୁ କଳସଗୁଡିକ ଶୋଭାଯାତ୍ରାରେ ମାଲ୍ୟାବନ୍ତ ମହୋତ୍ସବ ପିଣ୍ଡିକୁ ଯିବ ବୋଲି ନିଷ୍ପତ୍ତି ହୋଇଛି। ଏହି ଉପଲକ୍ଷେ ସମସ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବ। ସ୍ଥାନୀୟ ଅଞ୍ଚଳର ଲୋକନୃତ୍ୟ ଏବଂ ଲୋକ ବାଦ୍ୟକୁ ମଧ ସାମିଲ କରାଯିବ।

# ସିପିଆଇର ପ୍ରତିଷ୍ଠା ଦିବସ ପାଳିତ

ଜୟପୁର,୨୬।୧୨ (ନି.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ସିପିଆଇ କର୍ମକର୍ତ୍ତାମାନେ।

ଜୟପୁର ଶ୍ରମିକ କର୍ମଚାରୀ ଭବନଠାରେ ସୋମବାର ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ୧୯୨୫ରେ କାନପୁରଠାରେ ଡିସେମ୍ବର-୨୬ରେ ଦଳ ପ୍ରତିଷ୍ଠା ହୋଇଥିଲା। ପ୍ରାରମ୍ଭରେ ସମ୍ପାଦକ ଯୁଧିଷ୍ଠିର ରାଉଳ ଦଳର ପତାକା ଉତ୍ତୋଳନ କରିଥିଲେ। ଦେଶର ସମ୍ବିଧାନ ସୁରକ୍ଷା, ସାମ୍ପ୍ରଦାୟିକ ସଂପ୍ରୀତି ଓ ଭାଇଚାରା ରକ୍ଷା କରିବା ସହ ଜନ ସମସ୍ୟା ନେଇ ଲଗାତର ଆନ୍ଦୋଳନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଦେଶର ବେକାରି ସମସ୍ୟା, ଦରଦାମ ବୃଦ୍ଧି, ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିପର୍ଯ୍ୟସ୍ତ ଅବସ୍ଥା ନେଇ ସେ ଉଦ୍‌ବେଗ ପ୍ରକାଶ କରିଥିଲେ। ଜୟପୁର ସେବା କାଗଜ କଳକୁ ଠିକ୍ ରୂପେ ଚଳେଇବା ଓ ଶ୍ରମିକଙ୍କ ସମସ୍ୟା ସମାଧାନ ଲାଗି ଉପସ୍ଥିତ ବକ୍ତାମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମରେ ରାମକୃଷ୍ଣ ଦାସ, ସତ୍ୟବ୍ରତ ନନ୍ଦ, ନନ୍ଦ ହରିଜନ, ସନ୍ନ୍ୟାସୀ ମାଳି, ଗୁପ୍ତା ସଗରିଆ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଦଳର ଦଶମନ୍ତପୁର ଶାଖା ପକ୍ଷରୁ ମଧ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲା ସହ ସମ୍ପାଦକ କୁମର ଜାନି ଦଳୀୟ ପତାକା ଉତ୍ତୋଳନ କରି ଦେଶର ଅଖଣ୍ଡତା ଓ ଭାଇଚାରା ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ସ୍ଥାନୀୟ ସମସ୍ୟା ନେଇ ବ୍ଲକ, ତହସିଲ ଓ ଜିଲା ସ୍ତରରେ ଆନ୍ଦୋଳନ ଜାରି ରଖିବାକୁ କର୍ମୀ ଘନ ଗୌଡ଼ା, ନନ୍ଦ କମାର, ବାରା ଜାନି ପ୍ରମୁଖ ଉଦ୍‌ବୋଧନ ଅବସରରେ ପରାମର୍ଶ ଦେଇଥିଲେ।

# ଜାତୀୟସ୍ତରକୁ ମନୋନୀତ ହେଲେ ଭାଗ୍ୟଶ୍ରୀ

ମାଲକାନଗିରି,୨୬।୧୨ (ଡି.ଏନ୍.ଏ.)



**ରାୟପୁରରେ ହେବ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ**

ମାଲକାନଗିରି ଜିଲା ପଡିଆ ସଦର ବ୍ଲକର ଜଣେ ଛାତ୍ରୀ ମହିଳା କ୍ରିକେଟ ଟିମ୍ ଓଡ଼ିଶା ଦଳରେ ୧୫ ବର୍ଷରୁ କମ୍ ବର୍ଗରେ ମନୋନୀତ ହୋଇଛନ୍ତି। ସେ ହେଲେ ପଡିଆ ସଦର ବ୍ଲକର ଏନ୍. ଭାଗ୍ୟଶ୍ରୀ। ଏହି ଖବର ଜଣାପଡିବା ପରେ ଜିଲାରେ କ୍ରିକେଟପ୍ରେମୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଆଗାମୀ ଦିନରେ ରାୟପୁରଠାରେ ହେବାକୁ ଥିବା ଅନ୍ତର୍ଜାତୀୟ ୫୦ ଓଭର ବିଶିଷ୍ଟ କ୍ରିକେଟ ମ୍ୟାଚରେ ଭାଗ୍ୟଶ୍ରୀ ଭାଗ ନେବେ। ଏଥିରେ ଆନ୍ଧ୍ର ପ୍ରଦେଶ, ଉତ୍ତର ପ୍ରଦେଶ, ଛତିଶଗଡ, ମିଜୋରାମ, ଚଣ୍ଡିଗଡ ରାଜ୍ୟ ସହିତ ଓଡିଶା ଖେଳାଳି ଭାବେ ସେ ଅଂଶଗ୍ରହଣ କରିବେ। ସୋମବାର ଭାଗ୍ୟଶ୍ରୀ ରାୟପୁର ଯାତ୍ରା କରିଛନ୍ତି।

# କୋରାପୁଟରେ ଭାଜପାର ସତ୍ୟାଗ୍ରହ

କୋରାପୁଟ/ଜୟପୁର, ୨୬।୧୨ (ସ୍ୱ.ପ୍ର./ନି.ପ୍ର.)

ରାଜନୀତିରେ ଅପରାଧୀକରଣର ପ୍ରତିବାଦରେ ଭାଜପା ପକ୍ଷରୁ କୋରାପୁଟ ସଦର ମହକୁମାରେ ସୋମବାର ୪ ଘଣ୍ଟିଆ ସତ୍ୟାଗ୍ରହ ପାଳନ କରାଯାଇଛି। ଆମ୍ବେଡକର ପାର୍କ ସମ୍ମୁଖରେ ଭାଜପା ନେତା ଓ କର୍ମୀମାନେ ଧାରଣା ଦେବା ସହ ବିଜେଡି ସରକାର ସମୟରେ ବ୍ୟାପକ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି ବୋଲି ଅଭିଯୋଗ କରିଥିଲେ। ଜିଲା ସଭାପତି ସୁମନ୍ତ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ସତ୍ୟାଗ୍ରହରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ନାୟକ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାନ୍ତି, ଜିଲା ଏସ୍‌ସି ମୋର୍ଚ୍ଚା ସଭାପତି ଭାଗୀରଥି ପାଟନିଆ, ଚୈତନ୍ୟ ହନ୍ତାଳ, ଡି. ରାମାରାଓ, ମଣ୍ଡଳ ସଭାପତି ସିଦ୍ଧାର୍ଥ ଶଙ୍କର ମୁଦୁଲି, ସୁରେନ୍ଦ୍ର ପଟ୍ଟନାୟକ, ଶିବ ମୁଦୁଲି, ଶ୍ରୀଧର ପଟ୍ଟନାୟକଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ।

ସେହିପରି ଜୟପୁର କୋଭିଡ ହସ୍ପିଟାଲ ସମ୍ମୁଖ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ଭାଜପା ତରଫରୁ ସତ୍ୟାଗ୍ରହ କରାଯାଇଛି। ବିଜେଡିର ୨୩ ବର୍ଷର ସରକାରରେ ସମସ୍ତ ଯୋଜନା ବାଟମାରଣା ହୋଇଥିବା କର୍ମକର୍ତ୍ତାମାନେ ଅଭିଯୋଗ କରିଥିଲେ। ଶିକ୍ଷୟିତ୍ରୀ ମମିତା ମେହେର ହତ୍ୟା ମାମଲାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଦଳରୁ ବହିଷ୍କାର କରିବାକୁ ଭାଜପା ଦାବି କରିଛି। ଭାଜପା ନେତା ଗୌତମ ସାମନ୍ତରାୟ ଓ ମୋହନ ମାଝିଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।



କୋରାପୁଟରେ ଭାଜପା କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

### ଗୁଣି ଗାରେଡ଼ି ସନ୍ଦେହରେ ମହିଳାଙ୍କୁ ମାଡ଼ ଘଟଣା: ୩ ଗିରଫ

ମାଲକାନଗିରି,୨୬।୧୨(ଡି.ଏନ.ଏ.)

ଗୁଣିଗାରେଡ଼ି ସନ୍ଦେହରେ ମାଲକାନଗିରି ଜିଲା ମେଟାଗୁଡ଼ା ଗ୍ରାମର ନନ୍ଦାଇ ଶୁକ୍ରିଙ୍କୁ ମାଡ ମାରି ଗରମ ପାଣିରେ ହାତ ବୁଡାଇବା ନେଇ ହୋଇଥିବା ଅଭିଯୋଗର ତଦନ୍ତ କରି ପୋଲିସ ୩ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ସେହି ଗ୍ରାମର ଶ୍ୟାମ ହନ୍ତାଳ, ରାମଚନ୍ଦ୍ର ଚାଲାଣ ଓ ସନ୍ଥ ଚାଲାଣ। ଗତ ୨୦ରେ ମେଟାଗୁଡା ଗ୍ରାମର କିଛି ବ୍ୟକ୍ତି ନନ୍ଦାଇ ଗୁଣି ଗାରେଡି କରୁଥିବା ଅଭିଯୋଗ କରି ଏକ ବୈଠକ କରିଥିଲେ। ସେଠାରେ ତାଙ୍କୁ ମାଡ ମରିଥିଲେ। ଏହାକୁ ନେଇ ଗତ ୨୧ ତାରିଖରେ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

# ଜାଲିଆତି ହେଉଛି ଜମିର ପରିମାଣ

କୁନ୍ଦୁରା,୨୬।୧୨ (ଡି.ଏନ.ଏ.)

**ଜିପିଏସ୍ ଚିହ୍ନଟ ପାଲଟିଲାଣି ପ୍ରହସନ**

କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ଯେତିକି ଜଳସେଚିତ ଏବଂ ଅଣ ଜଳସେଚିତ ଜମିରେ ଧାନଚାଷ କରାଯାଇଛି ସେତିକି ଜମି ଚାଷୀ ପଞ୍ଜୀକରଣ କରିବା ସତ୍ତ୍ୱେ ଜମିର ପରିମାଣ କମିବା ଚାଷୀଙ୍କୁ ଆଶ୍ଚର୍ଯ୍ୟ କରିଛି। ଏସ୍ଏଚ୍‌ଜି, ଲ୍ୟାମ୍ପ୍ସରେ ଚାଷୀ ପଞ୍ଜୀକରଣ କରିବା ପରେ ରାଜସ୍ୱ ନିରୀକ୍ଷକମାନେ ଜିପିଏସ ଚିହ୍ନଟ କରିଥାନ୍ତି। ଏହା ପରେ ଜମିର ପରିମାଣ କିପରି କମ ହେଉଛି ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି। ପଞ୍ଜୀକରଣ ନିମନ୍ତେ ଚାଷୀ ଦେଇଥିବା ଜମିପଟ୍ଟାକୁ ନେଇ କେତେକ ଧାନ ବ୍ୟବସାୟୀଙ୍କ ନାମରେ କରାଯାଉଛି। ସେମାନେ ମଣ୍ଡି ସମୟରେ ଧାନ ବିକ୍ରି କରୁଥିବା ଭାଜପା ନେତା ଉପେନ୍ଦ୍ର ଭଞ୍ଜ ଅଭିଯୋଗ କରିଛନ୍ତି। ଚଳିତ ଖରିଫ ଋତୁରେ ଧାନବିକ୍ରି ଉଦ୍ଦେଶ୍ୟରେ ପଞ୍ଜୀକରଣ କରିବା ଲାଗି ଚାଷୀ ଲ୍ୟାମ୍ପ୍ସକୁ ଦେଇଥିବା କାଗଜପତ୍ର କୋଟପାଡ଼ ଅଞ୍ଚଳରୁ ମିଳିଥିବା ଜଣାପଡିଛି। ଲିମା ପଞ୍ଚାୟତ ସଦର ମହକୁମାରେ ରହୁଥିବା ବଦ୍ରିନାରାୟଣ ଆଚାର୍ଯ୍ୟଙ୍କ ଘିୟୁରିଆଗୁଡାସ୍ଥିତ ଜମିରେ ଖରିଫ ଚାଷ ସମ୍ପର୍କରେ ପ୍ରଶାସନିକ ଅଧିକାରୀମାନେ ଜମିର ପରିମାଣ ଜାଣିଥିଲେ ସୁଦ୍ଧା ଏବେ ଜମିର ପରିମାଣ କମିଯାଇଛି। ଏହା ପୂର୍ବରୁ ୪ ବର୍ଷ ତଳେ ଖରିଫ ଋତୁରେ ବଦ୍ରିଙ୍କ ଜମି ଜାଣି ଶୁଣି ସମବାୟ ସମିତି ପଞ୍ଜୀକରଣ ନ କରିବାରୁ ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଅନ୍ୟପକ୍ଷରେ ଯେଉଁ ୪୦୦ ଆଦିବାସୀ, ହରିଜନ କିମ୍ବା ସାଧାରଣ ବର୍ଗର ଚାଷୀଙ୍କ ପଞ୍ଜୀକରଣ ହୋଇପାରିନାହିଁ ସେମାନଙ୍କ ସମସ୍ତ କାଗଜପତ୍ର ଏସ୍‌ଟି ଏବଂ ଏସ୍‌ସି କମିଶନଙ୍କ ନିକଟରେ ଅଭିଯୋଗ କରାଯିବ ବୋଲି ଭାଜପା ପ୍ରଭାରି ଶଙ୍କର ମହାନ୍ତି ଓ ଅଶ୍ୱିନୀ ଚୌଧୁରୀ କହିଛନ୍ତି। ସୂଚନାଯୋଗ୍ୟ, ଏଭଳି ଭୁଲ ପଞ୍ଜୀକରଣ କରି ଚାଲିଥିବା ସଂସ୍ଥା ବିରୋଧରେ ପୂର୍ବରୁ ଅଭିଯୋଗ ହୋଇଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

# ଝୁଲାପୋଲରେ ପୁଣି ପର୍ଯ୍ୟଟକଙ୍କ ଭିଡ଼

- ମାନୁନାହାଁନ୍ତି କଟକଣା
- ଜମୁଛି ଜିଲା, ରାଜ୍ୟ ବାହାର ପର୍ଯ୍ୟଟକଙ୍କ ପିକ୍‌ନିକ୍ ଆସର
- ବନ୍ଦ ଘୋଷଣା କରି ଚୁପ୍ ପ୍ରଶାସନ

ରାୟଗଡ଼ା,୨୬।୧୨(ସ୍ୱ.ପ୍ର.)

ରାୟଗଡ଼ା ସ୍ଥିତ ଝୁଲାପୋଲ ନାଗାବଳୀ ନଦୀ ଅପରପାର୍ଶ୍ୱରେ ରହିଥିବା ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ଗାଁକୁ ସଂଯୋଗର ମାଧ୍ୟମ ହୋଇଥିଲା । ହେଲେ ଓଡ଼ିଶାର ଏହି ଦ୍ୱିତୀୟ ଝୁଲାପୋଲ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ପୋଲ ଦୁର୍ବଳ ହୋଇଛି। ଫଳରେ ସୁରକ୍ଷା ଦୃଷ୍ଟିରୁ ସେପ୍ଟେମ୍ବର ୨୫ ରେ ଜିଲା ପ୍ରଶାସନ ପକ୍ଷରୁ ପୋଲ ବନ୍ଦ କରାଯାଇଥିଲା । ତେବେ କଟକଣାକୁ ନ ମାନି ପର୍ଯ୍ୟଟକ ପୁଣି ପୋଲ ଉପରକୁ ଯାଇ ବୁଲାବୁଲି କରୁଛନ୍ତି । ଏମିତିକି ପୋଲ ତଳକୁ ଯାଇ ନଦୀ ନିକଟରେ ସେଲ୍‌ଫି ମଧ୍ୟ ନେଉଛନ୍ତି। ପୋଲ ବୁଲିବାକୁ ଆସି ନାଗାବଳୀ ନଦୀରେ ଅନେକ ଜୀବନ ଚାଲିଯାଇଥିଲେ ମଧ୍ୟ ପର୍ଯ୍ୟଟକ ସଚେତନ ନ ଥିବା ଦେଖିବାକୁ ମିଳୁଛି। ଗଣମାଧ୍ୟମରେ ଖବର ପକାଶ ପାଇବା ପରେ ମଧ୍ୟ ଜିଲା ଏବଂ ରାଜ୍ୟ ବାହାରୁ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସୁଛନ୍ତି। ଏବେ ଖ୍ରୀଷ୍ଟମାସ ଏବଂ ପିକ୍‌ନିକ୍ ଋତୁ ଚାଲିଥିବାରୁ ପର୍ଯ୍ୟଟକଙ୍କ ଭିଡ଼ ଅଧିକ ଜମୁଛି। ତେଣୁ ଏଠାରେ କୌଣସି ମୁହୂର୍ତ୍ତରେ ପୁଣି ଦୁର୍ଘଟଣା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । ଏ ଦିଗରେ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମତପ୍ରକଶ କରିଛନ୍ତି ।

ଝୁଲାପୋଲର ଉଭୟ ପାର୍ଶ୍ୱରେ ଲୁହାବାଡ଼ ବାନ୍ଧି ରାସ୍ତା ବନ୍ଦ କରାଯିବା ସହ ନଦୀକୁ ନ ଯିବା ପାଇଁ ଚାରିପାର୍ଶ୍ୱରେ ତାରବାଡ଼ ଦିଆଯାଇଥିଲା । କିଛିଦିନ ତଳେ ଦୁର୍ବୃତ୍ତମାନେ ତାରବାଡ଼ ଭାଙ୍ଗିଦେବା ସହ ପୋଲର ବିଭିନ୍ନ ସାମଗ୍ରୀ ନେଇଯାଇଥିଲେ। ଏହାପରେ ପୂର୍ବଭଳି ଲୋକେ ପୋଲରେ ଯାତାୟାତ କରୁଛନ୍ତି । ରବିବାର ଏବଂ ସୋମବାର ଏଠାରେ ବାହାରୁ ଆସିଥିବା ପର୍ଯ୍ୟଟକ ପିକ୍‌ନିକ୍ କରିବା ମଧ୍ୟ ଦେଖିବାକୁ ମିଳିଥିଲା । ବ୍ରହ୍ମପୁର, ଭୁବନେଶ୍ୱର, ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଏବା କର୍ନାଟକରୁ ଏଠାକୁ ପର୍ଯ୍ୟଟକ ବୁଲିବାକୁ ଆସିଥିବ ଦେଖିବାକୁ ମିଳିଛି। ଝୁଲାପୋଲରେ କେଉଁଠାରେ ଫ୍ଲିସ ପ୍ଲେଟ ନଟ୍ ଖସିଗଲାଣି ତ ଆଉ କେଉଁଠି କଳଙ୍କି ଲାଗି ନଷ୍ଟ ହେବାକୁ ଗଲାଣି। ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ଲାଗିଥିବା ନିଷିଦ୍ଧ ଫଳକ ପଢ଼ି ପର୍ଯ୍ୟଟକ ଫେରିଯିବା ବଦଳରେ ବାରମ୍ବାର ଝୁଲା ପୋଲ ମଧ୍ୟକୁ ଏବଂ ନଦୀଗର୍ଭକୁ ଯାଉଛନ୍ତି। ଅନ୍ୟପକ୍ଷରେ ପ୍ରଶାସନ କଟକଣା ଘୋଷଣା କରି ନିଜ ଦାୟିତ୍ୱ ଶେଷ କରିଦେଇଛି। ପୋଲ ଅଞ୍ଚଳରେ ପୋଲିସ କିମ୍ବା ସୁରକ୍ଷାକର୍ମୀ ମୁତୟନ କରାଯାଇନାହିଁ । ତେଣୁ ପୁଣି ବଡ଼ ଦୁର୍ଘଟଣା ଘଟିଲେ ଏଥିପାଇଁ ପ୍ରଶଶସନ ଦାୟୀ ରହିବ ବୋଲି ମତପ୍ରକାଶ ପାଉଛି ।

ସୂଚନଯୋଗ୍ୟ, ୨୦୧୧ରେ ନାଗାବଳୀ ନଦୀ ଉପରେ ଓଡ଼ିଶାର ଦ୍ୱିତୀୟ ଝୁଲାପୋଲ ନିର୍ମାଣ କରାଯାଇଥିଲା । ୧କୋଟି ୨୦ ଲକ୍ଷ ଟଙ୍କା ବ୍ୟୟରେ ରାୟଗଡ଼ା ସହରର ଚେକାଗୁଡ଼ା ଠାରୁ ବାଇସିଂ ପଞ୍ଚାୟତ ଅନ୍ତର୍ଗତ ମାରିଗୁଡ଼ା ପର୍ଯ୍ୟନ୍ତ ଯାତାୟାତ ନିମନ୍ତେ ଏହି ପୋଲର ନିର୍ମାଣ କରାଯାଇଥିଲା । ହେଲେ ପରବର୍ତ୍ତି ସମୟରେ ଏହା ୨୫ ଖଣ୍ଡ ଗାଁକୁ ସଂଯୋଗର ପଥ ଭାବେ ଛିଡ଼ା ହୋଇଥିଲା । ପରବର୍ତ୍ତି ସମୟରେ ଏହି ପୋଲ ପର୍ଯ୍ୟଟନସ୍ଥଳୀ ଭାବେ ପ୍ରସିଦ୍ଧି ଲାଭ କରିଥିଲା । ପୋଲ ତଳେ ପ୍ରବାହିତ ନାଗାବଳୀ ନଦୀ ଏବଂ ନିକଟସ୍ଥ ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥିଲା । ହେଲେ ପ୍ରଶାସନର ଦୂରଦୃଷ୍ଟି ଏବଂ ଆନ୍ତରିକତା ଅଭାବରୁ ଏହା ଡେଥ୍ ଜୋନ୍‌ରେ ପରିଣତ ହୋଇଥିଲା । ପ୍ରଶାସନ କେବଳ ପୋଲକୁ ଘୋଷଣାରେ ବନ୍ଦ ନ କରି ପର୍ଯ୍ୟଟକ ଯେପରି ଏଠାକୁ ନ ଆସିବେ ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।


ନିଷେଧ ଘୋଷିତ ଝୁଲାପୋଲରେ ପର୍ଯ୍ୟଟକ।

## ସଂକ୍ଷେପରେ

### ବାଇକ ଦୁର୍ଘଟଣାରେ ଯୁବକ ମୃତ

ଝରିଗାଁ,୨୬।୧୨(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ବଡ଼ଟେମେରା ପଞ୍ଚାୟତ ଅଧୀନ ନୂଆଗୁଡ଼ା ଗ୍ରାମ ନିକଟରେ ବାଇକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଯାଇଛି। ମୃତକ ହେଲେ ମୁଣ୍ଡଖାଉଗୁଡା ଗ୍ରାମର ରସିଆ ଜାନି (୩୦)। ରସିଆ ସମ୍ପର୍କୀୟ ଭାଇ ଲକ୍ଷ୍ମୀ ଜାନି ଏବଂ ନିରଟୁ ଜାନିଙ୍କ ସହ କୌଣସି ଏକ କାମରେ ନୂଆଗୁଡ଼ା ଯାଇ ରବିବାର ସନ୍ଧ୍ୟା ୭ଟାରେ ଘରକୁ ଫେରୁଥିଲେ। ଏହି ସମୟରେ ନୂଆଗୁଡ଼ାରୁ ପ୍ରାୟ ୨ କିଲୋମିଟର ଦୂର ଆସିବା ପରେ ଭାରସାମ୍ୟ ହରାଇ ବାଇକ ସହ ପଡିଯାଇଥିଲେ। ଫଳରେ ରସିଆଙ୍କ ମୁଣ୍ଡ ଏବଂ ଛାତିରେ ଗଭୀର ଆଘାତ ଲାଗିଥିଲା। ଖବରପାଇ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରସିଆଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ପରିବାର ଲୋକେ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଝରିଗାଁ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ପୋଲିସ ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ୩ ଅଭିଯୁକ୍ତ ଗିରଫ

ତେନ୍ତୁଲିଖୁଣ୍ଟି,୨୬।୧୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା ପଞ୍ଚାୟତ କୁଜାଯାନୀଗୁଡା ଗ୍ରାମର ଗୋପୀନାଥ ଜାନିଙ୍କ ଚାଷଜମିରୁ ପାଣି ମଟର ଚୋରି ଅଭିଯୋଗରେ ତେନ୍ତୁଲିଖୁଣ୍ଟି ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋଲିସ ୨୨୩/୨୨ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ସେମାନଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଅଞ୍ଚଳଗୁମା ଗ୍ରାମର ଗୁରୁଦେବ ହରିଜନ(୨୫), ଋଷି ମାଝି (୨୮) ଓ ଚକା ନାୟକ (୨୬)। ସୂଚନାନୁଯାୟୀ, ଗତ ବୁଧବାର ରାତିରେ ଜମିରୁ ପାଣିମୋଟର ଚୋରି ହୋଇଥିବା ନେଇ ଗୋପୀନାଥ ଗୁରୁବାର ସକାଳେ ତେନ୍ତୁଲିଖୁଣ୍ଟି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନାଧିକାରୀ ଟଙ୍କଗିରି ଭୋଇ, ଏଏସ୍‌ଆଇ ଶିବପ୍ରସାଦ ଦଳେଇ ଚୋରି ଘଟଣାର ତଦନ୍ତକରି ଚୋରି ହୋଇଥିବା ମୋଟର ଜବତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛନ୍ତି।

### ନିଆଁ ଲାଗି ଧାନଗଦା ନଷ୍ଟ

ଡାବୁଗାଁ, ୨୬।୧୨ (ଡି.ଏନ୍.ଏ.) ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବୋରିଗାଁ ପଞ୍ଚାୟତ ଅଧୀନ ଗୋଦମାଗୁଡା ଗ୍ରାମରେ ସୋମବାର ଅପରାହ୍ନରେ ନିଆଁ ଲାଗି ଧାନଗଦା ପୋଡି ନଷ୍ଟ ହୋଇଯାଇଛି। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସୂଚନାନୁଯାୟୀ,



ଗ୍ରାମର ଜ୍ୟୋତି ମାଝି, ଘେନୁଆ ମାଝି, ପଦମ ମାଝି ଓ ଚୈତନ୍ୟ ମାଝି ୮ ଏକର ଜମିର ଫସଲ ଖଳାରେ ରଖିଥିଲେ। କୌଣସି କାରଣବଶତଃ ଖଳାରେ ଥିବା ୧୦ଟି ଧାନଗଦା ଭିତରୁ ୩ଟିରେ ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ନିମନ୍ତେ ଚେଷ୍ଟା କରିବା ସହ ଡାବୁଗାଁ ଦମକଳ ବାହିନୀକୁ ଖବର ଦେଇଥିଲେ। ଏଲ୍‌ଏଫ୍‌ଏମ୍ ଉପେନ୍ଦ୍ର ମହାରଣା, ଅଗ୍ନିକ ପ୍ରସନ୍ନ ବିଶ୍ୱାସ, ହିରୋଜ କୁମାର ବେହେରା, ମାନସିଂ ଶବର ଓ ହେମନ୍ତ ମାଝି ସେଠାରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମୋଟ ୫୦ହଜାର ଟଙ୍କାର ଧାନ ନଷ୍ଟ ହୋଇଥିବା ସୂଚନା ମିଳିଛି।

# ୟୁଏଆଇଏଲ ପକ୍ଷରୁ ଖଣି ପରିବେଶ, ଖଣିଜ ସଂରକ୍ଷଣ ସପ୍ତାହ ପାଳିତ

ଟିକିରି,୨୬।୧୨(ଡି.ଏନ୍.ଏ.)

ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ, ଭୁବନେଶ୍ୱର ରିଜିଅନ୍ ମାର୍ଗଦର୍ଶନରେ ରାୟଗଡ଼ା ଜିଲା ଟିକିରି ସ୍ଥିତ ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ (ୟୁଏଆଇଏଲ) ପକ୍ଷରୁ ଡିସେମ୍ବର ୧୮ ରୁ ୨୪ ପର୍ଯ୍ୟନ୍ତ ବାଫଲିମାଳି ବକ୍ସାଇଟ ଖଣିରେ ୨୪ ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ବିଷୟରେ କର୍ମଚରୀ ଓ ଅନ୍ୟ ସହଭାଗୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଡିସେମ୍ବର ୧୮ ତାରିଖରୁ ଡିସେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ବାଫଲିମାଳି ବକ୍ସାଇଟ ଖଣିରେ ୨୪ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ (ଏମଇଏମ୍‌ସି) ପାଳିତ ହୋଇଯାଇଛି ।

ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ବିଷୟରେ କର୍ମଚାରୀ ଏବଂ ଅନ୍ୟ ସହଭାଗୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ସପ୍ତାହବ୍ୟାପୀ ଉତ୍ସବ ପାଳନ ଅବସରରେ ପ୍ରବନ୍ଧ, ସ୍ଲୋଗାନ୍, ପୋଷ୍ଟର ଆଦି ପ୍ରତିଯୋଗିତା ମାଧ୍ୟମରେ ଖଣି କର୍ମଚାରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ନିମନ୍ତେ ପଦକ୍ଷେପ ନିଆଯାଇଥିଲା। ୨୧ରେ ଟାଟାଷ୍ଟିଲ୍‌ର ଅପରେଶନ ହେଡ୍ ବ୍ରଜ ବିନୋଦ, ଜେଏସଡବ୍ଲ୍ୟୁ ଏଭିପି ଅନୁକୂଳ ଚନ୍ଦ୍ର ବିଶ୍ୱାଳ ଏବଂ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡର ସିନିୟର ମ୍ୟାନେଜର ସରୋଜ ଦାଶଙ୍କୁ ନେଇ ଗଠିତ ତଦାରଖକାରୀ ଦଳ ବାଫଲିମାଳି ବକ୍ସାଇଟ ଖଣି ପରିଦର୍ଶନ କରିଥିଲେ। ଏହାପରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ନୂଆପଡ଼ା କ୍ଲବ ହାଉସରେ ବିଭିନ୍ନ ସଂସ୍ଥାର ପ୍ରତିନିଧି, କର୍ମଚାରୀ, ପରିବାର ସଦସ୍ୟ, ସହଭାଗୀ ଏବଂ ଶ୍ରମିକଙ୍କ ଉପସ୍ଥିତିରେ ଏହା ହୋଇଥିଲା। ଉତ୍କଳ ଆଲୁମିନା ୟୁନିଟ ମୁଖ୍ୟ ଓ ସଭାପତି ମଜହର ବୈଗ୍ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଟାଟା ଷ୍ଟିଲ, ଜେଏସ୍‌ଡବ୍ଲ୍ୟୁ ଏବଂ ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡର ପ୍ରତିନିଧିଗଣ ଉପସ୍ଥିତ ଥିଲେ। ହେଡ୍ ମାଇନ୍ସ ମୁକେଶ କୁମାର ଝା, ହେଡ୍ ରିଫାଇନାରୀ କୌଶିକ ସରଣ ମିଶ୍ର, ସିଏସ୍‌ଆର, ପିଆର୍ ଆଣ୍ଡ ସିଆର୍ ମୁଖ୍ୟ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ମାଇନ୍ସ ମ୍ୟାନେଜର ସଞ୍ଜୟ ପାଢ଼ୀ, ଜିଓଲୋଜି ହେଡ୍ କୃଷ୍ଣଚନ୍ଦ୍ର ଜ୍ୟୋତିଷି ପ୍ରମୁଖ ମଞ୍ଚାସୀନ ଥିଲେ। ଖଣି ପରିବେଶ ଏବଂ ଖଣିଜ ସଂରକ୍ଷଣ ସମ୍ପର୍କରେ ଆଲୋଚନା, ସଚେତନତା ମୂଳକ କ୍ଷୁଦ୍ରାଭିନୟ ଏବଂ ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଉତ୍ସବର ମୁଖ୍ୟ କାର୍ଯ୍ୟକ୍ରମ ଥିଲା। ୟୁଏଆଇଏଲ୍ ୟୁନିଟ ମୁଖ୍ୟ ବେଗ୍ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଦିଗରେ ପ୍ରୟାସକୁ ପ୍ରଶଂସା କରିଥିଲେ। ଖଣିଗୁଡ଼ିକରେ କାର୍ଯ୍ୟକାରୀ କରାଯାଉଥିବା ପଦ୍ଧତି ଗୁଡ଼ିକ ସହ ଗୋଷ୍ଠୀ ପକ୍ଷରୁ ସମକ୍ରିୟା ଜାଗ୍ରତ କରିବା ଏବଂ ଦୀର୍ଘସ୍ଥାୟୀ ପ୍ରୟାସ ସମୂହକୁ ଅନୁଧ୍ୟାନକାରୀ ଦଳ ପ୍ରଶଂସା କରିଥିଲେ। କର୍ମଚାରୀ ଓ ସହଭାଗୀଙ୍କୁ ସଚେତନ କରାଇବା ନିମନ୍ତେ ଏହିଭଳି କାର୍ଯ୍ୟକ୍ରମ ଆୟୋଜନ ପାଇଁ ଖଣି ଟିମ୍‌କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଦ୍ୟୁମ୍ନ ଦାସ, ସବ୍ୟସାଚୀ ବିଶ୍ୱାସ, ପି.ସି. ପାତ୍ର, ଅଭିଜିତ ମାଜି, ଶୁଭ୍ରାଂଶୁ ଭୂଷଣ ସାହୁଙ୍କ ସମେତ ବାଫଲିମାଳି ବକ୍ସାଇଟ ଖଣିର ଅନ୍ୟ ଟିମ୍ ସଦସ୍ୟ ପରିଚାଳନା କରିଥିଲେ।



# ବ୍ଲକ ସ୍ତରୀୟ ଚଇତି ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଗୁଡ଼ାରୀ,୨୬।୧୨(ଡି.ଏନ୍.ଏ.)

ଗୁଡ଼ାରୀ ବ୍ଲକସ୍ତରୀୟ ଚଇତି ମହୋତ୍ସବ ପାଳନ ନିମନ୍ତେ ସୋମବାର ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ନୃସିଂହ ଚରଣ ସେଠିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବର, ଅତିରିକ୍ତ ତହସିଲଦାର ହୃଷିକେଶ ପଣ୍ଡା, ବ୍ଲକ ଉପାଧ୍ୟକ୍ଷ ବିଶ୍ୱନାଥ ଶବର ଓ ଜିଲା ପରିଷଦ ସଭ୍ୟ ପତି କ୍ରାସ୍କା ଉପସ୍ଥିତ ଥିଲେ। ଜାନୁଆରୀ ୩ରେ ଗୁଡ଼ାରୀ ନୂତନ ବସଷ୍ଟାଣ୍ଡ ସ୍ଥିତ ଚଇତି ମଣ୍ଡପରେ ଉତ୍ସବ ଆୟୋଜିତ ହେବ। ଏହାମଧ୍ୟରେ ବ୍ଲକରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହେବ। କୃତୀ ଛାତ୍ରୀଛାତ୍ରଙ୍କୁ ଚଇତି ମଣ୍ଡପରେ ପୁରସ୍କୃତ କରାଯିବ। ଏହା ବ୍ୟତୀତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଛି। ଶୈବପୀଠ ମିନାଝୋଲାଠାରୁ କଳସରେ ଜଳ ଆଣିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ୩ ତାରିଖରେ କଳସ ଶୋଭାଯାତ୍ରା ମାଁ ଭଣ୍ଡାରଘରଣୀ ମନ୍ଦିରରୁ ବାହାରି ଚଇତି ମଣ୍ଡପକୁ ଯିବ। ପ୍ରସ୍ତୁତି ବୈଠକରେ ଥାନା ଅଧିକାରୀ ଦୀନବନ୍ଧୁ ଶବରଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅତିଥିମାନେ ଆଲୋଚନା କରୁଛନ୍ତି ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

କୁଡୁମୁଲୁଗୁମ୍ମା,୨୬।୧୨(ଡି.ଏନ.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅନ୍ତର୍ଗତ ରାସବେଡା ପଞ୍ଚାୟତର ମୁଣ୍ଡିଗୁଡା ଠାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୁପ୍ତ ପ୍ରଧାନି (୪୫) । ମୁଣ୍ଡିଗୁଡା ଗ୍ରାମର ଚାମରା ପ୍ରଧାନିଙ୍କ ପୁଅ ଗୁପ୍ତ ଚାଲିଚାଲି ଯାଉଥିବା ବେଳେ ଏକ ପିକଅପ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଖବରପାଇ ମୁଦୁଲିପଡା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଗୁଣପୁର,୨୬।୧୨(ଡି.ଏନ୍.ଏ.)

ଗୁଣପୁର ଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ସମୋବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱଧା ଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମା ମିଳିତ ଅଭିଯୋଗ ଶୁଣାଣି କରିଥିଲେ । ଗୁଣପୁର ଉପ ଜିଲାପାଳଙ୍କ ସଭାଗୃହରେ ଶୁଣାଣି ହୋଇଥିଲା। ଏଥିରେ ମୋଟ ୩୯ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ୧୦ ସାମୁହିକ ଏବଂ ୨୬ ବ୍ୟକ୍ତିଗତ ଅଭିଯୋଗ ଶୁଣାଣି କରି ସମ୍ପୃକ୍ତ ଅଧିକାରୀ ତୁରନ୍ତ ଫଇସଲା କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୩ ଜଣଙ୍କୁ ୧୦ ହଜାର ହିସାବରେ ୩୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ପ୍ରଦାନ କରିଥିଲେ। ସିଡିଏମ୍‌ଓ ଲାଲମୋହନ ରାଉତରାୟ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ, ଉପ ଜିଲାପାଳ ଲଳିତ କୁମାର କହଁର, ଆଇଟିଡିଏ ପିଏ ଲୋକନାଥ ଦଲବେହେରା, ତହସିଲଦାର ଶରତ ଚନ୍ଦ୍ର ନାୟକ, ବିଡିଓ ଶାନ୍ତିପ୍ରଭା ପ୍ରଧାନ, ଏସ୍‌ଡିପିଓ, ଆଦର୍ଶ ଥାନା ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଶ୍ରମିକ କାର୍ଡ ପାଇ ମୃତ୍ୟୁ ଘଟିଥିବା ଦୁଇ ପରିବାରଙ୍କୁ ଶ୍ରମ ବିଭାଗ ପକ୍ଷରୁ ୨ ଲକ୍ଷ ୫ ହଜାର ଟଙ୍କା, ଝିଅ ବିବାହ ନିମନ୍ତେ ୫୦ ହଜାର ଟଙ୍କା, ପ୍ରଦାନ କରିଥିଲେ। ୨୯ରେ ହକି ବିଶ୍ୱକପ ମଶାଲ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ନିମନ୍ତେ ଗୁଣପୁର ମିନି ଷ୍ଟାଡିୟମ ପରିଦର୍ଶନ କରିଥିଲେ।

# କୋଭିଡ଼ ମୁକାବିଲା ନେଇ ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି

ରାୟଗଡ଼ା,୨୬।୧୨(ସ୍ୱ.ପ୍ର.)

ବିଭିନ୍ନ ଦେଶରେ କୋଭିଡ୍ ପୁଣି ବଢୁଥିବା ଦେଖି ରାଜ୍ୟ ସରକାର ପୁଣି ସତର୍କତା ଗାଇଡ଼ଲାଇନ୍ ଜାରି କରିଛନ୍ତି। ଏଥିସହ ସଂକ୍ରମଣକୁ ଏଡ଼ାଇବା ପାଇଁ ସଜାଗ ରହିବାକୁ ସମସ୍ତ ଜିଲାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ଏବଂ ଜିଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ ବିଭାଗୀୟ ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଏକ ବୈଠକ କରିଥିଲେ। ଏଥିରେ ଜିଲାରେ କୋଭିଡ୍‌କୁ କିଭଳି ମୁକାବିଲା କରିହେବ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ କୋଭିଡ୍ ମୁକାବିଲା ନିମନ୍ତେ ଆବଶ୍ୟକୀୟ ସମସ୍ତ ଉପକରଣ, ମାସ୍କ, ସାନିଟାଇଜର, ଅକ୍ସିଜେନ ସିଲିଣ୍ଡର, କନସେନଟ୍ରେଟର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ରହିଥିବା ଦୁଇ ଅକ୍ସିଜେନ ପ୍ଲାଣ୍ଟ ମଧ୍ୟ ପ୍ରସ୍ତୁତ ରଖିବାକୁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋଭିଡ୍ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଜିଲାସ୍ତରରେ ହେବାକୁ ଥିବା ମକଡ୍ରିଲ୍ ଉପରେ ମଧ୍ୟ ଆଲୋଚନା ହୋଇଛି। ଜନ ସଚେତନତା ପାଇଁ ସିଡିଏମ୍‌ଓ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବୀର ବାଲ୍ ଦିବସ ପାଳିତ

ଗୁଣପୁର,୨୬।୧୨(ଡି.ଏନ୍.ଏ.)

ଗୁଣପୁର ସେବା ସମାଜର ଶିଶୁପତ୍ନ ଅନୁଷ୍ଠାନରେ 'ବୀର ବାଲ୍ ଦିବସ' ସୋମବାର ପାଳିତ ହୋଇଯାଇଛି। ଶିଖ୍ ଧର୍ମଗୁରୁ ଗୋବିନ୍ଦ ସିଂଙ୍କ ଦୁଇ ନିର୍ଦ୍ଦୋଷ ପୁତ୍ର ୯ ବର୍ଷର ସାହିବଜାଦା ଜୋରାବାର ସିଂଜୀ ଓ ୭ ବର୍ଷର ସାହିବଜାଦା ଫତେହ ସିଂ ଜୀ ମୋଗଲ ସେନା ଦ୍ୱାରା ବନ୍ଦୀ ହୋଇ ସାହାସର ସହ ଆତ୍ମ ବଳିଦାନ ଦେଇଥିଲେ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ବୀର ବାଲ୍ ଦିବସ ପାଳନ କରାଯାଇଛି। ସଭାରେ ସେବା ସମାଜର ସମସ୍ତ ଅନ୍ତେବାସୀ ଓ ସେବା ସମାଜର ସମ୍ପାଦିକା ରାଜେଶ୍ୱରୀ ଦଲେଇ, ସଭାପତି ମାୟା ଶବର, ସୋନାଲି ପଟ୍ଟନାୟକ, ପ୍ରମିଳା ଶବର, ତିଲୋତ୍ତମା ଶବର ପ୍ରମୁଖ ଯୋଗ ଦେଇଥିଲେ। ଅନ୍ତେବାସୀଙ୍କ ମଧ୍ୟରେ ବୀର ବାଲ୍ ଦିବସ ଉପରେ ପ୍ରବନ୍ଧ ଓ କୁଇଜ ପ୍ରତିଯୋଗିତା ହୋଇଥିଲା।

# ସମସ୍ୟା ସମାଧାନ ନ ହେଲେ ଧାରଣା ଚେତାବନୀ

- ମିଳିନି ଜମି ପଟ୍ଟା, ଆବାସ, ସ୍ୱଚ୍ଛ ଭାରତ ମିଶନରେ ଶୌଚାଳୟ
- ତହସିଲଦାର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ରଜାମୁଣ୍ଡାବାସୀଙ୍କ ଦାବିପତ୍ର

ଉମରକୋଟ, ୨୬।୧୨(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ମ୍ୟୁନିସିପାଲଟି ୬ ନମ୍ବର ୱାର୍ଡ ରଜାମୁଣ୍ଡାବାସୀ ନିଜ ଅଞ୍ଚଳରସମସ୍ୟା ନେଇ ସୋମବାର ଉମରକୋଟ ତହସିଲଦାର ଏନ୍. ଜଗଜ୍ଜୀବନ ଚୌଧୁରୀ ଏବଂ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ରୁଷି ମାଝିଙ୍କୁ ଦାବିପତ୍ର ଦେଇଛନ୍ତି। ଜାନୁୟାରୀ ୧୫ ସୁଦ୍ଧା ସମସ୍ୟା ସମାଧାନ ନ ହେଲେ ପୌର ଏବଂ ତହସିଲ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବାକୁ ସେମାନେ ନିଷ୍ପତ୍ତି ନେଇଛନ୍ତ। ରଜାମୁଣ୍ଡା ଅଞ୍ଚଳରେ ୪୦ ପରିବାର ଦୀର୍ଘ ୭୦ ବର୍ଷରୁ ଅଧିକ ସମୟ ହେଲା ବସବାସ କରୁଛନ୍ତି। କିନ୍ତୁ ଏବେଯାଏ ସେମାନଙ୍କୁ ସରକାରଙ୍କ ପକ୍ଷରୁ କୌଣସି ପଟ୍ଟା କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଘର ମିଳିନାହିଁ। ବର୍ଷାଦିନେ ଝାଟିମାଟି ଘରେ ରହି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଅସୁବିଧାରୁ ବଞ୍ଚିବାକୁ କେବଳ ଜରି ଖଣ୍ଡିଏ ଦେଇ ପ୍ରଶାସନ ହାତ ଟେକିଦେଉଛି। ସ୍ୱଚ୍ଛ ଭାରତ ମିଶନରେ ଏବେ ପର୍ଯ୍ୟନ୍ତ ଗୋଟିଏ ହେଲେ ପାଇଖାନା ମିଳିନାହିଁ। ପିଇବା ପାଣି ପାଇଁ ମଧ୍ୟ ଠିକ ଭାବେ ମିଳି ପାରୁନାହିଁ ବୋଲି ଅଞ୍ଚଳବାସୀ ଦେଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ରଜାମୁଣ୍ଡା ଅଞ୍ଚଳର ୪୦ ମହିଳାଙ୍କ ସହ ସୁଦେବ ନନ୍ଦୀ, ମନ୍ଦିରା ନାୟକ, ସନ୍ତୋଷ ନାୟକ ଏବଂ ମିଲୁ ପଣ୍ଡା ଉପସ୍ଥିତ ଥିଲେ।


ତହସିଲଦାର ଦାବିପତ୍ର ଗ୍ରହଣ କରୁଛନ୍ତି।

# ମନାନ୍ତର ନ ରଖି ଦଳକୁ ଆଗେଇ ନେବାକୁ ଆହ୍ୱାନ


ଡାବୁଗାଁରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଦଳୀୟ କର୍ମୀ ।

**ବିଜେଡି ପ୍ରତିଷ୍ଠା ଦିବସ**

ଡାବୁଗାଁ, ୨୬।୧୨ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମା ଜଗନ୍ନାଥ ମନ୍ଦିର ସାମ୍ନାରେ ବ୍ଲକ ବିଜେଡି ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ବିଜେଡି କର୍ମୀ ଏମ୍. ବାସି ରାଓଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟସଭା ଏମ୍‌ପିଙ୍କ ପ୍ରତିନିଧି ରାମା ରାଓ ଚୌଧୁରୀ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ବେହେରା, ବରିଷ୍ଠ କର୍ମୀ ତଥା ପୂର୍ବତନ ସରପଞ୍ଚ ଜି. ପ୍ରକାଶ ରାଓ, ଲକ୍ଷ୍ମୀଧର ବିଷୋୟୀ, ଅଭିନ ପାତ୍ର, ଅଭିରାମ ପଣ୍ଡା, ଜଗନ୍ନାଥ ରେଲି, ବିକ୍ରମ ଗଉଡ, ଜି. ମୁରଲି ରାଓ, ବବଲୁ ତ୍ରିପାଠୀ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଅତିଥିମାନେ ବିଜୁ ବାବୁ ଓ ମୁଖ୍ୟମନ୍ତ୍ରୀ ନବୀପ ପଟ୍ଟନାୟକଙ୍କ ନିତୀ ଆଦର୍ଶ ଉପରେ ବକ୍ତବ୍ୟ ରଖିଥିଲେ। ଏକ ମନ ଏକ ପ୍ରାଣ ହୋଇ ମନାନ୍ତର ନ ରଖି ଦଳକୁ ଆଗେଇ ନେବାକୁ ସେମାନେ ଆହ୍ୱାନ ଦେଇଥିଲେ।

# ସତ୍ୟାଗ୍ରହରେ ବସିଲେ ଭାଜପା ନେତା, କର୍ମୀ

ନବରଙ୍ଗପୁର/ଉମରକୋଟ, ୨୬।୧୨(ବି.ପ୍ର./ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ୨୩ ବର୍ଷର ଶାସନରେ ରାଜନୈତିକ ଅପରାଧୀକରଣ ଓ ନାରୀ ନିର୍ଯାତନା ବଢ଼ିଥିବା ପ୍ରତିବାଦ କରି ସୋମବାର ନବରଙ୍ଗପୁର ଜିଲା ଭାଜପା ପକ୍ଷରୁ ସତ୍ୟାଗ୍ରହ କରାଯାଇଛି। ଜିଲା ଭାଜପା ସଭାପତି ଜଗଦୀଶ ବିଶୋୟୀଙ୍କ ନେତୃତ୍ୱରେ ନବରଙ୍ଗପୁର ସହର ମଧ୍ୟରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଦଳ ପକ୍ଷରୁ ସତ୍ୟାଗ୍ରହ କରାଯାଇଥିଲା। ରାଜ୍ୟରେ ଥିବା ବିଜେଡି ସରକାର ଯୋଗୁ ଅନ୍ୟାୟ ଅତ୍ୟାଚାର ସହ ନାରୀ ନିର୍ଯାତନା ବୃଦ୍ଧି ପାଇବା ସହ ବିଜେଡି ସରକାର ଅପରାଧୀଙ୍କ ସହ ହାତ ମିଶାଇଛନ୍ତି ବୋଲି ଭାଜପା ଅଭିଯୋଗ କରିଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ଉପସଭାପତି ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀଶଙ୍କର ମାଝି, ଜିଲା ମହିଳା ମୋର୍ଚ୍ଚା ସଭାପତି ଶର୍ମିଷ୍ଠା ଦେଓଙ୍କ ସମେତ ନବରଙ୍ଗପୁର ପୌରପାଳିକାର ସମସ୍ତ କାଉନସିଲର ଓ ନେତୃମଣ୍ଡଳୀ ଯୋଗ ଦେଇଥିଲେ।

ବିଜେଡିର ଶାସନ କାଳ ମଧ୍ୟରେ ଅନେକ ନେତା ମନ୍ତ୍ରୀ ସରକାରୀ କ୍ଷମତାର ଅପବ୍ୟବହାର କରି ଅପରାଧ ଘଟାଉଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ କହି ଉମରକୋଟ ବ୍ଲକ ଭାଜପା ପ୍ରତିବାଦ କରିଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁଙ୍କ ପ୍ରତିନିଧିତ୍ୱରେ ଭାଜପା କର୍ମକର୍ତ୍ତାମାନେ ନୂତନ ବସ୍‌ଷ୍ଟାଣ୍ଡ ନିକଟରେ ସତ୍ୟାଗ୍ରହରେ ବସିଥିଲେ। ଏଥିରେ ଜିଲା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ପବିତ୍ର ଗରଡ଼ା, ମନ୍ଦିରା ନାୟକ, ସତ୍ୟବତୀ ନାୟକ, ବାପି ମଲିକ, ପ୍ରମୋଦ ନାୟକ, ମିଲୁ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।


ଉମରକୋଟରେ ଭାଜପା କର୍ମୀମାନେ ସତ୍ୟାଗ୍ରହରେ ବସିଛନ୍ତି।

# କଟ୍‌ନି ଛଟ୍‌ନି, ବସ୍ତା ଯୋଗାଇବା ନାମରେ ଚାଷୀଙ୍କୁ ଲୁଟ୍

**ମଣ୍ଡି ଅବ୍ୟବସ୍ଥାକୁ ନେଇ ଭାଜପାର ଅଭିଯୋଗ**

ନବରଙ୍ଗପୁର,୨୬।୧୨(ବି.ପ୍ର.)

ନବରଙ୍ଗପୁର ଜିଲା ଭାଜପା 'ମଣ୍ଡି ଚାଲ ଅଭିଯାନ' କରି ବିଭିନ୍ନ ମଣ୍ଡି ପରିଦର୍ଶନ କରି ସେଠାରେ ଥିବା ଅବ୍ୟବସ୍ଥାକୁ ସୂଚାଇ ଏକ ଦାବିପତ୍ର ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛି। ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟ କର୍ମଚାରୀ ଦାବିପତ୍ର ଗ୍ରହଣ କରିଛନ୍ତି।

ମଣ୍ଡିଚାଲ ଅଭିଯାନରେ ସମସ୍ତ ମଣ୍ଡିରେ ଅବ୍ୟବସ୍ଥା ହେଉଥିବା ନଜରକୁ ଆସିଛି। କେଉଁଠି କଟ୍‌ନି ଛଟ୍‌ନି ଓ ଚାଷୀଙ୍କୁ ଧାନ ବସ୍ତା ଯୋଗାଇ ଦେଉଥିବା ନାମରେ ଟଙ୍କା ଲୁଟ୍ କରାଯାଉଛି। ସେହିଭଳି ମିଲର୍ସଙ୍କ ଚାପରେ ପ୍ରଶାସନିକ ଅଧିକାରୀ ନଇଁ ଯାଉଥିବା ବେଳେ ଆର୍‌ଏମ୍‌ସି ପକ୍ଷରୁ ଚାଷୀଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରାଯାଉ ନ ଥିବା ଦେଖିବାକୁ ମିଳିଥିଲା ବୋଲି ଭାଜପା ଦାବିପତ୍ରରେ ଉଲ୍ଲେଖ କରିଛି। ମଣ୍ଡିରେ ସୁରୁଖୁରୁରେ ଧାନ କିଣା ପାଇଁ କେନ୍ଦ୍ର ସରକାର ଅନେକ ବ୍ୟବସ୍ଥା କରିଥିବା ବେଳେ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି ଯୋଗୁ ମଣ୍ଡିରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ରାଜ୍ୟ ଭାଜପା ଉପ ସଭାପତି ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ଅଭିଯୋଗ କରିଛନ୍ତି। ଏସ୍‌ଏଚ୍‌ଜିଙ୍କ ନାମରେ ହରିଲୁଟ ଚାଲିଛି ବୋଲି ସେ କହିଛନ୍ତି। ରାଜ୍ୟ ସରକାର ଚାଷୀଙ୍କ ପରିବର୍ତ୍ତେ ମିଲର୍ସଙ୍କ ସ୍ୱାର୍ଥ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି । ତୁରନ୍ତ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ସବୁ ଅବ୍ୟବସ୍ଥାରେ ସୁଧାର ଅଣାଯାଉ ବୋଲି ଭାଜପା ଦାବି କରିଛି।


ଭାଜପା ନେତା ଓ କର୍ମୀମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

